# NATIONAL NEWS BULLETIN (ODIA)
## 16th February - 2025
## Morning Bulletin : 7.15 a.m.

*********************************

ଆକାଶବାଣୀ.....   ସମ୍ବାଦ ପଢୁଛନ୍ତି.....   **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ଜନଜାତି ସମ୍ପ୍ରଦାୟ ପ୍ରତି ସମର୍ପିତ ଆଦି ମହୋତ୍ସବକୁ ଆଜି ଉଦ୍‌ଘାଟନ କରିବେ ରାଷ୍ଟ୍ରପତି ।
- ପ୍ରତ୍ୟେକଟି କ୍ଷେତ୍ରରେ ଭାରତ ଉପରେ ବିଶ୍ୱର ବିଶ୍ୱାସ ଦୃଢ଼ ହୋଇଛି; କହିଲେ ପ୍ରଧାନମନ୍ତ୍ରୀ ।
- ମହାକୁମ୍ଭ ତ୍ରିବେଣୀ ସଙ୍ଗମରେ ପବିତ୍ର ସ୍ନାନ କଲେ ୧ କୋଟି ୨୧ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ।
- ନୂଆଦିଲ୍ଲୀରେ ଆଜି ଭାରତ ଟେକ୍ସ-୨୦୨୫ କାର୍ଯ୍ୟକ୍ରମରେ ଯୋଗଦେବେ ପ୍ରଧାନମନ୍ତ୍ରୀ ।

ଏବଂ

- ମହିଳା ପ୍ରିମିୟର ଲିଗ୍‌ର ଗତକାଲିର ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ୨ ୱିକେଟ୍‌ରେ ପରାସ୍ତ କଲା ଦିଲ୍ଲୀ କ୍ୟାପିଟାଲ୍‌ସ ।

## ଆଦି ମହୋତ୍ସବ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ 'ଆଦି ମହୋତ୍ସବ' ୨୦୨୫ର ଉଦ୍‌ଘାଟନ କରିବେ । ମେଜର ଧ୍ୟାନଚାନ୍ଦ ଷ୍ଟାଡିୟମ୍‌ଠାରେ ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବରେ ଜନଜାତି ସମ୍ପ୍ରଦାୟର କଳା, ସଂସ୍କୃତି, ଔଦ୍ୟୋଗିକ କାର୍ଯ୍ୟକଳାପ ତଥା ବାଣିଜ୍ୟ ସମ୍ପର୍କିତ ବିଭିନ୍ନ କଳାକୃତି ସ୍ଥାନ ପାଇବ । ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଦୁର୍ଗା ଦାସ ଓ୍ୱିକେ କହିଛନ୍ତି, ବିଭିନ୍ନ ରାଜ୍ୟରେ ବସବାସ କରୁଥିବା ଜନଜାତି କାରିଗର ତଥା ଉଦ୍ୟୋଗୀଙ୍କର ବିଭିନ୍ନ କଳାକୃତି ସମ୍ପର୍କରେ ଅବଗତ କରାଇବା ନିମନ୍ତେ ଏହି ମହୋତ୍ସବ ଆୟୋଜନ କରାଯାଇଛି । ଏଥିରେ ୬୦୦ରୁ ଊର୍ଦ୍ଧ୍ୱ ଜନଜାତି ଉଦ୍ୟୋଗୀ ଅଂଶଗ୍ରହଣ କରିବେ ବୋଲି ଶ୍ରୀ ଓ୍ୱିକେ କହିଛନ୍ତି ।

ଏହି ଅବସରରେ ଦେଶର ବିଭିନ୍ନ ପ୍ରାନ୍ତରେ ବସବାସ କରୁଥିବା ଜନଜାତି ସମ୍ପ୍ରଦାୟଙ୍କର ପାରମ୍ପରିକ ନୃତ୍ୟ ସଂଗୀତ ପରିବେଷଣ କରାଯିବ ।

୯ ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବ ଆସନ୍ତା ୨୪ ତାରିଖ ଦିନ ଉଦ୍‌ଯାପିତ ହେବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି ।

## ପି.ଏମ୍. - ସମିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଭାରତ କେବଳ ବିଶ୍ୱ ଭବିଷ୍ୟତ ବିଷୟରେ ଆଲୋଚନାର କେନ୍ଦ୍ରବିନ୍ଦୁରେ ନାହିଁ; ବରଂ ଆଲୋଚନାର ନେତୃତ୍ୱ ମଧ୍ୟ ନେଉଛି । ଗତକାଲି ଦିଲ୍ଲୀର ଏକ ଗଣମାଧ୍ୟମ ସଂସ୍ଥା ପକ୍ଷରୁ ଆୟୋଜିତ ସମ୍ମିଳନୀକୁ ସମ୍ବୋଧିତ କରି ଶ୍ରୀ ମୋଦି କହିଛନ୍ତି, ବିଶ୍ୱ ସ୍ତରରେ ଭାରତର ଏକ ପ୍ରମୁଖ ସ୍ଥାନ ରହିଛି । ପ୍ରମୁଖ ରାଷ୍ଟ୍ର ହେଉ କିମ୍ବା ବିଶ୍ୱସ୍ତରୀୟ ମଞ୍ଚ, ପ୍ରତ୍ୟେକଟି କ୍ଷେତ୍ରରେ ଭାରତ ଉପରେ ପୂର୍ବାପେକ୍ଷା ବିଶ୍ୱାସ ଦୃଢ଼ ହୋଇଛି ବୋଲି ଶ୍ରୀ ମୋଦି କହିଛନ୍ତି ।

***Voice*** :.........

ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ୨୦୨୪ ପରଠାରୁ ଭାରତ ଦ୍ରୁତ ବିକାଶ ପଥରେ ଗତି କରୁଛି ବୋଲି କହିଛନ୍ତି । ସେ କହିଛନ୍ତି, ମାତ୍ର ଏକ ଦଶନ୍ଧି ମଧ୍ୟରେ ଭାରତ ବିଶ୍ୱର ଶ୍ରେଷ୍ଠ ୫ଟି ଅର୍ଥନୀତି ମଧ୍ୟରୁ ଅନ୍ୟତମ ହୋଇପାରିଛି । ଆଗାମୀ ବର୍ଷଗୁଡ଼ିକରେ ଭାରତ ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବ ବୋଲି ଶ୍ରୀ ମୋଦି ବିଶ୍ୱାସ ବ୍ୟକ୍ତ କରିଛନ୍ତି ।

ସେ କହିଛନ୍ତି, ଭାରତ ପ୍ରଥମ ୩ଟି ଶିଳ୍ପ ବିପ୍ଳବକୁ ଭୁଲି ଯାଇଥିଲେ ମଧ୍ୟ ଚତୁର୍ଥ ଶିଳ୍ପବିପ୍ଳବ ସହିତ ଆଗକୁ ବଢ଼ିବାକୁ ପ୍ରସ୍ତୁତ ଅଛି । ସେ କହିଛନ୍ତି, ଏନ୍.ଡି.ଏ. ସରକାର ବାଣିଜ୍ୟର ଭୟକୁ ସହଜତାରେ ପରିଣତ କରିଛି । ଏହାଛଡ଼ା ବିକଶିତ ଭାରତ ଗଠନ ଦିଗରେ ଭାରତର ଯାତ୍ରାରେ ଘରୋଇ କ୍ଷେତ୍ରଗୁଡ଼ିକର ପ୍ରମୁଖ ଭୂମିକା ରହିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି ।

## ମହାକୁମ୍ଭ - ପ୍ରୋମିନେଣ୍ଟ ଡିଭୋଟିଜ୍

ପ୍ରୟାଗରାଜର ମହାକୁମ୍ଭର ତ୍ରିବେଣୀ ସଙ୍ଗମରେ ଗତକାଲି ୧ କୋଟି ୨୧ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ପବିତ୍ର ସ୍ନାନ କରିଛନ୍ତି । ପ୍ରତିଦିନ ଏହି ଭବ୍ୟ ଉତ୍ସବରେ ସାରା ବିଶ୍ୱରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଯୋଗ ଦେଉଛନ୍ତି । ଏପର୍ଯ୍ୟନ୍ତ ୫୧ କୋଟି ୩୧ ଲକ୍ଷ ଶ୍ରଦ୍ଧାଳୁ ସଙ୍ଗମରେ ପବିତ୍ର ସ୍ନାନ କରିଛନ୍ତି । ବହୁ ବିଶିଷ୍ଟ ବ୍ୟକ୍ତି ମଧ୍ୟ ସଙ୍ଗମରେ ପବିତ୍ର ସ୍ନାନ କରିଛନ୍ତି । ମହାକୁମ୍ଭକୁ ସାଧୁସନ୍ଥ, ଶ୍ରଦ୍ଧାଳୁ ଓ ବିଭିନ୍ନ ବର୍ଗର ପର୍ଯ୍ୟଟକ ଯାଉଛନ୍ତି । ଗତକାଲି ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ, ତାଙ୍କ କ୍ୟାବିନେଟ୍ ମନ୍ତ୍ରୀ ଓ ଅନ୍ୟ ବିଧାୟକଙ୍କ ସହ ପବିତ୍ର ସ୍ନାନ କରିଥିଲେ । ଗଣମାଧ୍ୟମ ସହ କଥାବର୍ତ୍ତାବେଳେ ଶ୍ରୀ ସାୱନ୍ତ କହିଛନ୍ତି, ପ୍ରୟାଗରାଜକୁ ଆସି ମହାକୁମ୍ଭରେ ଯୋଗଦେବାକୁ ରାଜ୍ୟର ଲୋକମାନଙ୍କପାଇଁ ବ୍ୟବସ୍ଥା କରାଯାଇଛି ।

ଲୋକସଭା ବାଚସ୍ପତି ଓମ୍ ବିର୍ଲା ଗତକାଲି ତ୍ରିବେଣୀ ସଙ୍ଗମରେ ସ୍ନାନ କରିଥିଲେ । ସେ କହିଥିଲେ, ମହାକୁମ୍ଭ ହେଉଛି, ଭାରତର ଆଧ୍ୟାତ୍ମିକତା, ବିଶ୍ୱାସ ଏବଂ ସଂସ୍କୃତିର ସଙ୍ଗମ ସ୍ଥଳୀ । ସେ ତାଙ୍କ ସ୍ନାନ ସମୟରେ ସମସ୍ତ ଭାରତୀୟଙ୍କ ମଙ୍ଗଳ ପାଇଁ ପ୍ରାର୍ଥନା କରିଥିବା କହିଛନ୍ତି ।

***Voice :.......***

କେନ୍ଦ୍ରମନ୍ତ୍ରୀ ପିୟୁଷ ଗୋୟଲ୍, ହରଦୀପ ସିଂହ ପୁରି, ଅନ୍ନପୂର୍ଣ୍ଣା ଦେବୀ ଓ ଚିରାଗ ପାଶ୍ୱାନ ପ୍ରମୁଖ ସଙ୍ଗମରେ ସ୍ନାନ କରି ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ ଶ୍ରୀ ଗୋୟଲ କହିଥିଲେ, ମହାକୁମ୍ଭ ପରିଦର୍ଶନ କରିବା ବାସ୍ତବରେ ଏକ ଭାବପ୍ରବଣ ମୁହୂର୍ତ୍ତ ଏବଂ ଆଶୀର୍ବାଦ ମଧ୍ୟ । ଏହା ଭାରତର ସାମୂହିକା ଭାବନାରେ ଏକ ଉତ୍କୃଷ୍ଟ ଉଦାହରଣ ବୋଲି ସେ କହିଛନ୍ତି ।

***Voice :.......***

ମହାକୁମ୍ଭ ଭଳି ବୃହତ୍ କାର୍ଯ୍ୟକ୍ରମର ସଫଳ ଆୟୋଜନପାଇଁ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରି ଉତ୍ତର ପ୍ରଦେଶ ସରକାରଙ୍କୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ଡବଲ୍ ଇଞ୍ଜିନ ସରକାର ଯୋଗୁଁ ଏତେବଡ଼ ଧରଣର ବ୍ୟବସ୍ଥା କରାଯାଇପାରିଛି ।

***Voice :.......***

# ପି.ଏମ୍. - ଭାରତ ଟେକ୍ସ-୨୦୨୫

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ନୂଆଦିଲ୍ଲୀରେ 'ଭାରତ ଟେକ୍ସ-୨୦୨୫'ରେ ଯୋଗଦେବେ । ଏହି ଅବସରରେ ଶ୍ରୀ ମୋଦି ଜନସାଧାରଣଙ୍କୁ ସମ୍ବୋଧନ କରିବେ । ଭାରତ ଟେକ୍ସ-୨୦୨୫ ହେଉଛି ଏକ ବିରାଟ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ । ଗତ ୧୪ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆସନ୍ତାକାଲି ଶେଷ ହେବ । କଞ୍ଚାମାଲ୍, ପ୍ରସ୍ତୁତ ହୋଇଥିବା ଉତ୍ପାଦ ଏବଂ ଉପକରଣଗୁଡ଼ିକର ସମସ୍ତ ବୟନଶିଳ୍ପ ମୂଲ୍ୟ ଶୃଙ୍ଖଳା ଗୋଟିଏ ସ୍ଥାନରେ ଉପଲବ୍ଧ ହେଉଛି ।

ଏହି ବୟନ ମେଳାରେ ୭୦ରୁ ଅଧିକ ଅଧିବେଶନ, ଦଳଗତ ଆଲୋଚନା ଏବଂ ପ୍ରଶିକ୍ଷଣ ଆଦି ଅନ୍ତର୍ଭୁକ୍ତ । ଏହି ପ୍ରଦର୍ଶନୀରେ ନବସୃଜନ ଓ ଷ୍ଟାର୍ଟଅପ୍‌ପାଇଁ ସ୍ୱତନ୍ତ୍ର ପାଭିଲିୟନ୍ ନିର୍ମାଣ କରାଯାଇଛି । ଅଗ୍ରଣୀ ନିବେଶକଙ୍କ ମାଧ୍ୟମରେ ଷ୍ଟାର୍ଟଅପ୍‌ଗୁଡ଼ିକ ପାଇଁ ପାଣ୍ଠି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି । କାର୍ଯ୍ୟକ୍ରମରେ ନୀତିନିର୍ଦ୍ଧାରକ ଓ ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକର ପରିଚାଳନା ଅଧିକାରୀ, ୫ ହଜାରରୁ ଅଧିକ ପ୍ରଦର୍ଶକ, ୧୨୦ରୁ ଅଧିକ ଦେଶରୁ ୬ ହଜାର ଅନ୍ତର୍ଜାତୀୟ କ୍ରେତା ଓ ବିକ୍ରେତା ଯୋଗ ଦେଉଛନ୍ତି । ଏଥିରେ ବିଶ୍ୱର ୨୫ରୁ ଅଧିକ ବୟନ ଶିଳ୍ପ ସଂସ୍ଥା ଓ ଏ ସମ୍ପର୍କିତ ସଙ୍ଗଠନ ଅଂଶଗ୍ରହଣ କରୁଛନ୍ତି ।

# ପଞ୍ଜାବ - ଆମେରିକା

ଯୁକ୍ତରାଷ୍ଟ୍ର ଆମେରିକାରେ ବେଆଇନ୍ ଭାବେ ବସବାସ କରୁଥିବା ଏକ ଶହରୁ ଊର୍ଦ୍ଧ୍ୱ ଭାରତୀୟଙ୍କୁ ସେଠାକାର ସରକାର ଏକ ସ୍ୱତନ୍ତ୍ର ବିମାନ ଯୋଗେ ଦ୍ୱିତୀୟଥର ଲାଗି ଭାରତ ପଠାଇଛନ୍ତି । ଏହି ବିମାନଟି ଅମୃତସରର ଶ୍ରୀଗୁରୁ ରାମଦାସଜୀ ଆନ୍ତର୍ଜାତିକ ବିମାନ ବନ୍ଦରରେ ଅବତରଣ କରିଛି । ସେମାନଙ୍କ ମଧ୍ୟରେ ୬୦ରୁ ଊର୍ଦ୍ଧ୍ୱ ଯାତ୍ରୀ ପଞ୍ଜାବର ହୋଇଥିବା ବେଳେ ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ହରିଆଣାର ବୋଲି ଜଣାପଡ଼ିଛନ୍ତି । ଏହାଛଡ଼ା  ରାଜସ୍ଥାନ, ଗୁଜରାଟ, ଉତ୍ତର ପ୍ରଦେଶ, ଗୋଆ ଓ ମହାରାଷ୍ଟ୍ରର କେତେକ ଲୋକ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ । ଆଜି ମଧ୍ୟ ଆମେରିକା ଆଉ ଏକ ବିମାନ ଯୋଗେ ସେଠାରେ ବେଆଇନ୍ ଭାବେ ବସବାସ କରୁଥିବା ଭାରତୀୟଙ୍କୁ ଅମୃତସର ପଠାଇବାର ବ୍ୟବସ୍ଥା କରିଛି ବୋଲି ଜଣାଯାଇଛି ।

ଗତ ୫ ତାରିଖ ଦିନ ଆମେରିକା ପ୍ରଥମଥର ଲାଗି ସେଠାରେ ବେଆଇନ୍ ଭାବେ ବସବାସ କରୁଥିବା ୧୦୪ ଜଣ ଭାରତୀଙ୍କୁ ଏକ ସ୍ୱତନ୍ତ୍ର ସାମରିକ ବିମାନରେ ଅମୃତସର ପଠାଇଥିଲା ।

ଏଭଳି ଯାତ୍ରୀଙ୍କୁ ନେଇ ଆମେରିକାରୁ ଆସୁଥିବା ବିମାନଗୁଡ଼ିକୁ ଅମୃତସରରେ ଅବତରଣ କରିବା ଲାଗି ଅନୁମତି ଦେଇ କେନ୍ଦ୍ର ସରକାର ପଞ୍ଜାବକୁ ବଦନାମ କରିବା ଲାଗି ଚେଷ୍ଟା କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଭଗବନ୍ତ ସିଂହ ମାନ୍ ଅଭିଯୋଗକୁ କରିଛନ୍ତି । ତେବେ ବିଜେପି ଏହି

ଅଭିଯୋଗକୁ ଖଣ୍ଡନ କରିଛି । ଦଳର ଜାତୀୟ ମୁଖପାତ୍ର ଆର୍.ପି. ସିଂହ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ଯୁକ୍ତରାଷ୍ଟ୍ର ଆମେରିକାରୁ ଆସୁଥିବା ବିମାନ ଲାଗି ଅମୃତସର ହେଉଛି ଭାରତର ନିକଟତମ ବିମାନ ବନ୍ଦର । ସେହି ଦୃଷ୍ଟିରୁ ଏହି ବିମାନ ଗୁଡ଼ିକୁ ସେଠାରେ ଅବତରଣ କରିବା ଲାଗି କେନ୍ଦ୍ର ସରକାର ଅନୁମତି ପ୍ରଦାନ କରିଛନ୍ତି ।

## ମହାକୁମ୍ଭ - ବାର୍ଡ଼ ଫେଷ୍ଟିଭାଲ୍

ମହାକୁମ୍ଭରେ ଆଜି ପ୍ରୟାଗରାଜର ସଙ୍ଗମ କୂଳରେ ପ୍ରକୃତି ଓ ପକ୍ଷୀ ମହୋତ୍ସବ-୨୦୨୫ ଉଦ୍‌ଘାଟିତ ହେବ । ଏଥିପାଇଁ ଭାରତୀୟ ସ୍କିମରଙ୍କୁ ମାସ୍କଟ୍ ଭାବରେ ଚୟନ କରାଯାଇଛି ।

ଉତ୍ତର ପ୍ରଦେଶରେ ଏହି ପକ୍ଷୀ ଗଙ୍ଗା, ଯମୁନା ଏବଂ ଚମ୍ବଲ ନଦୀକୂଳରେ ଅଣ୍ଡା ଦେଇଥା'ନ୍ତି । ସେଠାରେ ଏହି ପକ୍ଷୀଙ୍କ ସଂଖ୍ୟା ଏକ ହଜାରରୁ ଅଧିକ ହେବ । ଏହି ପକ୍ଷୀ ନଦୀ, ହ୍ରଦ ଏବଂ ମୁହାଣ କୂଳରେ ଥିବା ଜଳାଶୟ ଅଞ୍ଚଳରେ ବସା ବାନ୍ଧିଥା'ନ୍ତି । ପ୍ରକୃତି ଓ ଆସ୍ଥାର ନିଦର୍ଶନ ଭାବେ ମହାକୁମ୍ଭରେ ଏହାର ସଂରକ୍ଷଣପାଇଁ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

ପକ୍ଷୀ ମହୋତ୍ସବର ନୋଡାଲ୍ ଅଧିକାରୀ ଲଳିତ ବର୍ମା କହିଛନ୍ତି, ଏହି ଉତ୍ସବପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି ଏବଂ ଏହି କାର୍ଯ୍ୟକ୍ରମ ଜନସାଧାରଣଙ୍କୁ ଆକର୍ଷିତ କରିବ ।

ଅନ୍ୟପକ୍ଷରେ ଆଜି ମହାକୁମ୍ଭରେ ଜଳବାୟୁ ସମ୍ମିଳନୀ ଅନୁଷ୍ଠିତ ହେବ । ଏହାର ବିଷୟବସ୍ତୁ ରହିଛି, "କୁମ୍ଭର ଆସ୍ଥା ଓ ଜଳବାୟୁ ପରିବର୍ତ୍ତନ" । ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ଏଥିରେ ଧାର୍ମିକ ନେତା, ପରିବେଶବିତ୍, ସାମାଜିକ ସଙ୍ଗଠନ, ଶିଳ୍ପ ପ୍ରତିନିଧି ଏବଂ ଅନ୍ୟାନ୍ୟ କ୍ଷେତ୍ରର ପ୍ରତିନିଧିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ଡବ୍ଲ୍ୟୁ.ପି.ଏଲ୍. - କ୍ରିକେଟ୍

ମହିଳା ପ୍ରିମିୟର୍ ଲିଗ୍‌ର ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସ୍ ୨ ୱିକେଟ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି । ଭଦୋଦରାର କୋଟାମ୍ବି ଷ୍ଟାଡିୟମରେ ଆୟୋଜିତ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଇଣ୍ଡିଆନ୍ସ ୧୯ ଓଭର ଗୋଟିଏ ବଲ୍‌ରେ ସମସ୍ତ ୱିକେଟ ହରାଇ ୧୬୪ ରନ୍ କରିଥିଲା । ମୁମ୍ବାଇ ପକ୍ଷରୁ ନାଟ୍ ସ୍କିଭର-ବ୍ରଣ୍ଟ ଅଣଷଠିଟି ବଲ୍‌ରୁ ୮୦ ରନ୍ କରିଥିବାବେଳେ ଅଧିନାୟକ ହର୍‌ମନପ୍ରୀତ କୌର୍ ୨୨ଟି

ବଲ୍‌ରୁ ୪୨ ରନ୍ ସଂଗ୍ରହ କରିଥିଲେ । ଦିଲ୍ଲୀ କ୍ୟାପିଟାଲ୍‌ସ ପକ୍ଷରୁ ଆନାବେଲ୍ ସୁଦରଲ୍ୟାଣ୍ଡ ୩ଟି ଓ ଶିକା ପାଣ୍ଡେ ୨ଟି ୱିକେଟ୍ ଅକ୍ତିଆର କରିଥିଲେ ।

ବିଜୟ ଲକ୍ଷ୍ୟକୁ ପିଛାକରି ଦିଲ୍ଲୀ ନିର୍ଦ୍ଧାରିତ ୨୦ ଓଭର୍‌ରେ ୮ ୱିକେଟ୍ ବିନିମୟରେ ୧୬୫ ରନ୍ ସ୍କୋର୍ କରିଥିଲା । ଆଜି ଭଦୋଦରାର କୋଟାମ୍ବି ଷ୍ଟାଡିୟମ୍‌ରେ ଗୁଜରାଟ ଜାଏଣ୍ଟ୍ ଓ ୟୁ.ପି. ୱାରିୟସ୍ ମଧ୍ୟରେ ସନ୍ଧ୍ୟା ସାଢ଼େ ୭ଟାରେ ମ୍ୟାଚ୍ ଅନୁଷ୍ଠିତ ହେବ ।

## ଦିଲ୍ଲୀ – ଓପନ୍ ଟେନିସ୍

ଦିଲ୍ଲୀ ଓପନ୍ ଟେନିସ୍ ପ୍ରତିଯୋଗିତାରେ ଜାପାନ ଯୋଡ଼ି ମାସାମିଚି ଇମାନୁରା ଓ ରିଓ ନୋଗୁଚି ଗତକାଲି ସନ୍ଧ୍ୟାରେ ଭାରତର ନିକି ପୁନାଛା ଓ ଜିମ୍ବାୱେର କଟନୀ ଲକ୍’ଙ୍କୁ ୬-୪, ୬-୩ରେ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି ।

ପୁରୁଷ ସିଙ୍ଗଲ୍‌ସରେ ଫ୍ରାନ୍‌ସର କିରିଆନା ଜାକ୍ୱେଟ୍ ୬-୩, ୬-୧ରେ ଭିଟ୍ କୋପ୍ରିଭାଙ୍କୁ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଛନ୍ତି ।

ଆଜି ଫାଇନାଲ୍‌ରେ ଜାକ୍ୱେଟ୍ ବ୍ରିଟେନ୍‌ର ବିଲ୍ ହାରିସ୍‌ଙ୍କ ସହ ମୁକାବିଲା କରିବେ ।

*****